ISSN -2583-147X(P), **Vol.- 9, Issue No.II, May 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଦିଲ୍ଲୀଶ୍ୱରଙ୍କ ନାଟ୍ୟଜଗତ

**ଜ୍ୟୋତିସ୍ମିତା ସାହୁ**

୧୯୬୦ ମସିହା ପରବର୍ତ୍ତୀ ସମୟରେ ପାଶ୍ଚାତ୍ୟ ନାଟ୍ୟଧାରାର ପ୍ରଭାବରେ ଓଡ଼ିଆ ନାଟ୍ୟ ପରମ୍ପରାର ଆଙ୍ଗିକ ଓ ଆତ୍ମିକ କ୍ଷେତ୍ରରେ ବିଭିନ୍ନ ପରିବର୍ତ୍ତନର ସୂତ୍ରପାତ ଆରମ୍ଭ ହେଲା । ପାରମ୍ପରିକ ନାଟ୍ୟଧାରାକୁ ପରିହାରକରି ଆଲୋଚ୍ୟ କାଳର ନାଟ୍ୟକାରଗଣ ନୂତନତାର ଆବାହନରେ ନିଜକୁ ନିୟୋଜିତ କଲେ । ଆମ ନାଟ୍ୟ ସାହିତ୍ୟକୁ ଆନ୍ତର୍ଜାତିକ ସୀମା ସରହଦ ଛୁଆଁଇବାକୁ ଚେଷ୍ଟାକରି ଆଲୋଚ୍ୟକାଳର ନାଟ୍ୟକାରଗଣ ଇଚ୍ଛାକୃତ ଭାବରେ ନୂତନ ଭାବଧାରାକୁ ନାଟକରେ ଅନୁପ୍ରବେଶ କରାଇଲେ । ଫଳତଃ ଆଧୁନିକ ମଣିଷର ଜୀବନ ଯନ୍ତ୍ରଣା ଏହି ସମୟର ନାଟ୍ୟ ସୃଷ୍ଟିରେ ବୌଦ୍ଧିକତା ମଧ୍ୟରେ ଆତ୍ମପ୍ରକାଶ କଲା । ନାଟକ କେବଳ ମନୋରଞ୍ଜନ ସାଧନ ନହୋଇ ମାନସ ମନ୍ଥନର ପର୍ଯ୍ୟାୟକୁ ଉନ୍ନୀତ ହେଲା । ଉତ୍ତର ଅଶୀ କାଳର ଜଣେ କୃତବିଦ୍ୟ ନାଟ୍ୟକାର ଭାବରେ ଦିଲ୍ଲୀଶ୍ୱର ମହାରଣାଙ୍କ ସାଧନା ଓଡ଼ିଆ ନାଟ୍ୟ ସାହିତ୍ୟର ଦିଗ୍‌ବଳୟକୁ ସଂପ୍ରସାରିତ ତଥା ଦେଦୀପ୍ୟମାନ କରିବାରେ ସହାୟକ ହୋଇଛି । ସାଂପ୍ରତିକ କାଳରେ ଜଣେ ପ୍ରତିଷ୍ଠିତ ନାଟ୍ୟକାର ଭାବରେ ସେ ଅଶେଷ ସିଦ୍ଧିର ଅଧିକାରୀ ।

ସ୍ରଷ୍ଟା ସହ ସୃଷ୍ଟିର ସମ୍ପର୍କ ଅବିଚ୍ଛେଦ୍ୟ । ସୃଷ୍ଟି ଦର୍ପଣରେ ସ୍ରଷ୍ଟାର ଭାବ-ଭାବନା, ଚିନ୍ତାଚେତନା ପ୍ରଭୃତି ପ୍ରତିଫଳିତ ହୋଇଥାଏ । ଏଣୁ ନାଟ୍ୟ ସ୍ରଷ୍ଟା ଦିଲ୍ଲୀଶ୍ୱର ମହାରଣାଙ୍କ ନାଟ୍ୟକଳା ସମ୍ପର୍କରେ ବିଚାର କରିବା ପୂର୍ବରୁ ତଦୀୟ ବ୍ୟକ୍ତିଗତ ତଥା ସାରସ୍ୱତ ଜୀବନୀ ସହ ପରିଚିତ ହେବା ସର୍ବାଦୌ ବାଞ୍ଛନୀୟ ।

ନାଟ୍ୟକାର ଶ୍ରୀଯୁକ୍ତ ମହାରଣା ଓଡ଼ିଆ ନାଟ୍ୟ ସାହିତ୍ୟ ଜଗତର ଏକ ଅମ୍ଳାନ ପ୍ରତିଭା । ନାଟ୍ୟ ରଚନା ଠାରୁ ଆରମ୍ଭ କରି ଅଭିନୟ, ମଞ୍ଚପରିଚାଳନା, ସଂଯୋଜନା, ନିର୍ଦ୍ଦେଶନା ପ୍ରତିଟି କ୍ଷେତ୍ରରେ ତାଙ୍କର ବ୍ୟକ୍ତିତ୍ୱ ପ୍ରସ୍ଫୁଟିତ ହୋଇପାରିଛି । ବିଦ୍ୟାଳୟର ଛାତ୍ର ଜୀବନରୁ ନାଟକ ପ୍ରତି ତାଙ୍କର ଗଭୀର ଆନ୍ତରିକତା ରହିଛି ଯାହା ତାଙ୍କୁ ଆଣିଦେଇଛି ଅନେକ ସଫଳତା କେବଳ ନାଟ୍ୟ ରଚନା ନୁହେଁ ନାଟ୍ୟ ନିର୍ଦ୍ଦେଶନା କ୍ଷେତ୍ରରେ ମଧ୍ୟ ସେ ସ୍ୱତନ୍ତ୍ରତା ଓ ମୌଳିକତା ଆନୟନରେ ପ୍ରୟାସ କରିଛନ୍ତି ତଥା ସା'ଲ୍ୟ ଅର୍ଜନ କରିଛନ୍ତି । ଓଡ଼ିଶାର ନାଟକକୁ ସେ ଓଡ଼ିଆ ମାଟିରୁ ଜାତୀୟ ସ୍ତରକୁ ଘେନିଯାଇଛନ୍ତି । ତାଙ୍କ ମହାର୍ଘ ଅବଦାନ ଯୋଗୁଁ ସେ ଓଡ଼ିଆ ତଥା ଜାତୀୟ ସ୍ତରରେ ଲାଭ କରିଛନ୍ତି ଅନେକ ପୁରସ୍କାର ଓ ସମ୍ବର୍ଦ୍ଧନା । ଜଣେ ନିବିଷ୍ଟ ଶିଳ୍ପୀ ମୂର୍ତ୍ତି ଗଢିବା ପରି ନାଟ୍ୟକାର ମହାରଣା ଅବିଶ୍ରାନ୍ତ ରୀତିରେ ଗୋଟିଏ ପରେ ଗୋଟିଏ ନାଟକ ସୃଷ୍ଟି କରି ଓଡ଼ିଆ ନାଟ୍ୟ ସାହିତ୍ୟକୁ ସମୃଦ୍ଧଶାଳୀ କରିଛନ୍ତି । ସତେ ଯେପରି ତାଙ୍କ ଲେଖନୀର ବିରାମ ନାହିଁ । ବାସ୍ତବରେ ମଞ୍ଚ ହେଉଛି ତାଙ୍କ ପ୍ରାଣ । ଓଡ଼ିଶାର ରଙ୍ଗମଞ୍ଚ ମଧ୍ୟରୁ ସେ ପାଇଛନ୍ତି ଅଫୁରନ୍ତ ଜୀବନ ଶକ୍ତି । ତାହା ତାଙ୍କ ଲେଖନୀକୁ ଦେଇଛି ଅମିତ ଶକ୍ତି ଓ ପ୍ରତ୍ୟୟ । ତାଙ୍କ ଅମୃତ ଲେଖନୀରୁ ଯେଉଁ ଉପାଦାନ ସୃଷ୍ଟି ହୋଇଛି, ତାହା ଓଡ଼ିଶାର ପ୍ରତିଟି ନାଟ୍ୟ ସହୃଦୟ ଜୀବନକୁ କରିଛି ରୋମାଞ୍ଚିତ ଓ ଉଲ୍ଲସିତ । ଯେଉଁଠି ସ୍ରଷ୍ଟା ପ୍ରାଣ ସୃଷ୍ଟି ଭିତରେ ନିମଜ୍ଜିତ ହୋଇଯାଏ, ସେଠାରେ ହିଁ କଳ-ନିନାଦିନୀ ସ୍ରୋତସ୍ୱିନୀ ପରି ଅମୃତର ଧାରାରେ ଭସାଇ ନିଏ ସମଗ୍ର ଜଗତକୁ । ସେଇ ସୃଷ୍ଟି ଭିତରେ ପୃଥିବୀର ମଣିଷ ଆପଣାକୁ ଆବିଷ୍କାର କରେ । ନାଟକରେ ସ୍ରଷ୍ଟା ପ୍ରାଣର ଆତ୍ମନିମଜ୍ଜମାନତା ନ ରହିଲେ ତାହା ଦର୍ଶକ ହୃଦୟରେ ପ୍ରାଣ-ସ୍ପନ୍ଦନ ସୃଷ୍ଟି କରିପାରେ ନାହିଁ । ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣା ଅନୁରୂପ ଏକ ଆତ୍ମ-ନିମଜ୍ଜମାନ ସ୍ରଷ୍ଟା ।

ଏହି ମହାନ୍ ସ୍ରଷ୍ଟା ଜନ୍ମ ଗ୍ରହଣ କରିଥିଲେ ଢେଙ୍କାନାଳ ଜିଲ୍ଲାର ଗୋଡ଼ିଡ଼ିହ ଗ୍ରାମରେ ୧୯୪୭ ମସିହା ନଭେମ୍ବର ୫ ତାରିଖରେ । ପିତା ଟଙ୍କଧର ମହାରଣା, ମାତା ଇନ୍ଦୁମତୀ ମହାରଣାଙ୍କର ଏକ ମାତ୍ର ପୁତ୍ର ସନ୍ତାନ । ଶ୍ରୀଯୁକ୍ତ ମହାରଣାଙ୍କ ବାଲ୍ୟ ଶିକ୍ଷା ଜୀବନ ଆରମ୍ଭ ହୋଇଥିଲା ବଳରାମ ପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଢେଙ୍କାନାଳରେ ଯାହା ତାଙ୍କ ଗ୍ରାମଠାରୁ ଅଧ କିଲୋମିଟର ଦୂରରେ ଅବସ୍ଥିତ । ପରବର୍ତ୍ତୀ ସମୟରେ ଧଳପୁର ମଧ ଇଂରାଜୀ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ଅଧ୍ୟୟନ କରନ୍ତି । ସପ୍ତମ ଶ୍ରେଣୀ ପାସ୍ କଲାପରେ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବ୍ରଜନାଥ ବଡଜେନା ହାଇଅର ସେକେଣ୍ଡାରି ସ୍କୁଲରେ ସେ ପଢିଲେ । ସେ ସମୟରେ ନବମ ଶ୍ରେଣୀରୁ ପିଲାଙ୍କୁ କଳା, ବିଜ୍ଞାନ ଅନୁସାରେ ଅଲଗା କରିଦିଆଯାଉଥିଲା । ନାଟ୍ୟକାର ବିଜ୍ଞାନର ଛାତ୍ର ଥିଲେ । ଦ୍ୱାଦଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବାପରେ ଢେଙ୍କାନାଳ ପି.ପି. (ପି. ପ୍ରଫେସିନାଲ) ପଢିଲେ । ଏହାକୁ ପାସ୍ କଲାପରେ ଅନୁଗୁଳ କଲେଜରେ ଗଣିତକୁ ସମ୍ମାନ ଭାବରେ ରଖି ଅଧ୍ୟୟନ କଲେ । ଏହାପରେ ଆଇନ ପଢ଼ିବା ପାଇଁ କଟକ ଆସିଲେ ମାତ୍ର ଭାଗ୍ୟର ବିଡ଼ମ୍ବନା ଯୋଗୁଁ ବାପାଙ୍କ ବ୍ୟବସାୟରେ କ୍ଷତି ହେବାରୁ ବାଧ ହୋଇ ଆଇନ ପଢାକୁ ମଝିରୁ ବନ୍ଦ କରିବାକୁ ପଡିଲା । ମାତାଙ୍କ କଥାନୁସାରେ ପରିବାରର ଆର୍ଥିକ ଅବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ପାଠପଢା ଛାଡ଼ି ଚାକିରିରେ ଯୋଗ ଦେଲେ । ଓଡ଼ିଶା ସମବାୟ ବିଭାଗରେ ନିଜ ବୃତ୍ତିଗତ ଜୀବନର ଆରମ୍ଭ କଲେ । ବୃତ୍ତିଗତ ଜୀବନ ସହିତ ଅନୁରୂପ ଭାବରେ ନାଟକ ରଚନା ମଧ ଚାଲିଲା । ଚାକିରୀରୁ ଅବସର ଗ୍ରହଣ କରି ମଧ ଏ ପର୍ଯ୍ୟନ୍ତ ତାଙ୍କ ଲେଖନୀ ବିଶ୍ରାମ ନେଇ ନାହିଁ ।

ସେ ଦିନ ଆସୁଛି, ସୁଅ, ଉତ୍ତର ପୁରୁଷ, ବାଉଁଶ ଠେଙ୍ଗାରେ ସ୍ୱାଧୀନତା, ଆସନ୍ନ ପ୍ରଳୟ, ବାର୍ତ୍ତା, ନ୍ୟାୟ, ସିଦ୍ଧାନ୍ତ, ରାଜାଘର ଖେଳ, ଆପଣ ସାକ୍ଷୀ ରହିଲେ ହଜୁର, ଶେଷ ଠିକଣା, ଅସ୍ଥି, ଅସମାପ୍ତ, ଭାଇ ଭାଇ, ଭଲପାଇବାର ରଙ୍ଗ, ସୂର୍ଯ୍ୟ ପରାଗ, ସୂର୍ଯ୍ୟ ପରାଗ, ଦ୍ୱିତୀୟ ଈଶ୍ୱର, ଚକେଗଲେ ବାର ହାତ, ସୂର୍ଯ୍ୟ ଉଦୟର ବେଳ, କୁମାର କୁଳ ଚନ୍ଦ୍ରମା, ତତକାଳ ସମାଧାନ, ଏ ମଙ୍ଗଳ ମହୁରୀର ତାନ ଆଦି ନାଟକ ସେ ରଚନା କରିଛନ୍ତି ।

ନାଟ୍ୟକାରଙ୍କ ସମଗ୍ର ନାଟକକୁ ବିଭାଗୀକରଣ କରି ନିମ୍ନରେ ଆଲୋଚନା କରାଯାଇପାରେ ।

**ଐତିହାସିକ ନାଟକ :**

'ବାଉଁଶ ଠେଙ୍ଗାରେ ସ୍ୱାଧୀନତା' ନାଟ୍ୟକାରଙ୍କ ଲେଖନୀର ସର୍ବୋତ୍କୃଷ୍ଟ ସୃଷ୍ଟି । ୧୯୮୯ରେ ଇତିହାସରୁ ଏହାର ପଞ୍ଜରଟିକୁ ସଂଗ୍ରହ କରାଯାଇ ନାଟ୍ୟକାର ଏଥିରେ ରକ୍ତ ମାଂସ ଭରିଥିଲେ । ୧୯୩୯ ମସିହାରେ ଓଡ଼ିଶାର ଏକ ଅନ୍ଧାରିମୁଲକ ରଣପୁର ଗଡଜାତର କେତେଜଣ ମଣିଷରୂପୀ ମେଣ୍ଢା ପ୍ରବଳ ପରାକ୍ରାନ୍ତ ବିଦେଶୀଶାସକଙ୍କର ଚଳନ୍ତି ପ୍ରତିମା ପଲିଟିକାଲ ଏଜେଣ୍ଟ ପଦବୀଧାରୀ ପ୍ରଜାକଣ୍ଟକ ମାନବିକତାର ଅପମାନକାରୀ ଶ୍ୱେତଚର୍ମଧାରୀ ବେଜେଲଗେଟଙ୍କୁ ବାଉଁଶ ଠେଙ୍ଗାରେ ପିଟିପିଟି ଯେଉଁଭଳି ଅପମାନର ପୁଞ୍ଜିଭୂତ କ୍ରୋଧ ଉପଶମ କରି ସମଗ୍ର ବିଶ୍ୱରେ ଆଲୋଡ଼ନ ସୃଷ୍ଟି କରିଥିଲେ ସେଇ ଲୋମହର୍ଷକ ବିବରଣୀ ନାଟକରେ ସ୍ଥାନ ପାଇଛି । ଶୁଣାଯାଏ ଯେ ବ୍ରିଟିଶ ପାର୍ଲିଆମେଣ୍ଟ ନରସଂହାରକାରୀ ଏହି ଅଦ୍ଭୁତ ଅସ୍ତ୍ରଟିକୁ ଦେଖିବାକୁ ଚାହିଁଲାରୁ ଜାହାଜରେ ଟ୍ରକ ଭର୍ତ୍ତି କରି ଠେଙ୍ଗା ବିଲାତକୁ ରପ୍ତାନୀ କରାଯାଇଥିଲା ।

ବିଦ୍ରୋହୀ ଦଳର ନେତୃତ୍ୱ ନିଅନ୍ତି ଦୁଇଜଣ ତରୁଣ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ା । ବିଦ୍ରୋହ ଦମନ ପରେ ବିଚାରର ଏକ ପ୍ରହସନ କରାଯାଇ ୧୯୪୧ ମସିହା ଏପ୍ରିଲ ୪ ତାରିଖରେ ନରହତ୍ୟା ଅପରାଧରେ ଏ ଦୁଇ ଜଣଙ୍କୁ ଫାଶୀ ଦଣ୍ଡ ଦିଆଯାଏ । ନାଟକରେ ଏହି କାହାଣୀଟିକୁ ବର୍ଣ୍ଣନା କରାଯାଇଛି । ଗୋଟିଏ ହେଉଛି ବେଜେଲଗେଟ ହତ୍ୟା ଓ ଅନ୍ୟଟି ହେଉଛି ତା'ର ପରିମାଣ ସ୍ୱରୂପ ରଘୁ ଓ ଦିବାକରଙ୍କୁ ଫାଶୀ ଦଣ୍ଡ । ପନ୍ଦରଟି ପାଦ ବା ଦୃଶ୍ୟରେ ନାଟକଟିକୁ ବର୍ଣ୍ଣନା କରାଯାଇଛି । ପ୍ରଥମ କେତୋଟି ଦୃଶ୍ୟରେ ରଣପୁରକୁ ବେଜେଲଗେଟର ଆଗମନର ପୃଷ୍ଠଭୂମି ରୂପରେ ଦୁର୍ବଳ ଏବଂ ପଙ୍ଗୁ ରାଜାର ଶିକାର ଛଳରେ ନିରୀହ ପ୍ରଜାହତ୍ୟା, ଧନ ଜୀବନର ସଂଶୟ, ରାଜପୁତ୍ରର ପାଶବିକ ଅତ୍ୟାଚାରରେ ନିରୀହା ଯୁବତୀର ଆତ୍ମହତ୍ୟା, ରାଜକର୍ମଚାରୀ ମାନଙ୍କର ଲୁଣ୍ଠନ ଓ ଅତ୍ୟାଚାର ବିରୋଧରେ ପ୍ରଜା ଅସନ୍ତୋଷ ଏବଂ ରଘୁ ଦିବାକରଙ୍କ ନେତୃତ୍ୱରେ ପ୍ରତିବାଦ, ବିଦ୍ରୋହ ଦମନ ନିମନ୍ତେ ବେଜେଲଗେଟର ଆଗମନ, ନିରୀହ ପ୍ରଜାହତ୍ୟା, କ୍ରୁଦ୍ଧ ଗ୍ରାମବାସୀଙ୍କ ଠେଙ୍ଗା ମାଡରେ ତା'ର ମୃତ୍ୟୁ ଏବଂ ଶେଷରେ ରଘୁ ଦିବାକରଙ୍କ ଫାଶୀ ଏହି ଘଟଣା ବର୍ଣ୍ଣନା କରାଯାଇଛି । ଘଟଣାର ଯୋଗସୂତ୍ରକାରୀ ରୂପେ ଏହି ନାଟକରେ ଏକ ଘୋଷକ

ଚରିତ୍ରର ପରିକଳ୍ପନା କରାଯାଇଛି, ଯାହାକୁ କୁହାଯାଇପାରେ ଏକ ସୂତ୍ରଧର । ସେ ନାଟକର ପ୍ରଥମ ଅଂଶରେ ଘଟଣାର ଅବତାରଣା କରି ବିଦାୟ ନେଇଛି ।

**ରାଜନୀତିକ ଚେତନା :**

'ରାଜାଘର ଖେଳ'ଏହା ଏକ ରାଜନୈତିକ ନାଟକ । ନାଟକର ରଚନା କାଳ ୧୯୯୭ ମସିହା । ସ୍ୱାଧୀନତା ପରବର୍ତ୍ତୀ ଗଣତନ୍ତ୍ର ଭାରତର ରାଜନୀତି ଉପରେ ଏହା ଏକ ସୁଆଙ୍ଗ । ଏହି ନାଟକରେ ନାଟ୍ୟକାର ତତ୍କାଳୀନ ସମୟର ରାଜନୈତିକ ବ୍ୟବସ୍ଥାର ବ୍ୟଙ୍ଗ କରିଛନ୍ତି । ନାଟ୍ୟକାର ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କଠାରୁ ଆରମ୍ଭ କରି ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ, ଦେବ ଗୌଡ଼ା ପର୍ଯ୍ୟନ୍ତ ସମସ୍ତଙ୍କୁ ବ୍ୟଙ୍ଗ କରିଛନ୍ତି । ଗୋଟିଏ ବଂଶର ତିନି ପୀଢ଼ିର ଶାସନରେ ଦେଶର ହାଲ୍, ଦକ୍ଷିଣୀ ଶାସନ ମୁଖ୍ୟଙ୍କର ସର୍ବଗ୍ରାସୀ ଲୋଭର ବହ୍ନିରେ ଦେଶ ସର୍ବସ୍ୱାନ୍ତ ହୋଇଯିବା ପ୍ରସଙ୍ଗକୁ ନାଟ୍ୟକାର ଚମତ୍କାର ନାଟକୀୟ ଶୈଳୀରେ ପରିବେଷଣ କରିଛନ୍ତି । ରାଜନେତାଙ୍କ ପ୍ରକୃତ ସ୍ୱରୂପ କିଭଳି ଲୁଚି ରହିଥାଏ ତାହା ଏଥିରେ ବର୍ଣ୍ଣିତ ।

**ମନସ୍ତାତ୍ତ୍ୱିକ ନାଟକ :**

'ସୂର୍ଯ୍ୟ ପରାଗ' ନାଟକର ରଚନା କାଳ ୨୦୧୪ ମସିହା । ନାଟକରେ ଘଟଣା ଉପରେ ଗୁରୁତ୍ୱ ନଦେଇ ନାଟ୍ୟକାର ମାନବୀୟ ଭାବକୁ ବିଶ୍ଳେଷଣ କରିବା ଦିଗରେ ଦୃଷ୍ଟି ପକେଇଛନ୍ତି । ଅତ୍ୟନ୍ତ ଜଟିଳ ମଣିଷ ମନର ରହସ୍ୟ ଉନ୍ମୋଚନ ନିମନ୍ତେ ନାଟ୍ୟକାରଙ୍କର ଇଏ ହେଉଛି ଏକ କଳାତ୍ମକ ପଦକ୍ଷେପ । ଓଡ଼ିଆ ନାଟକରେ ଅଚେତନ ମନକୁ ବିଷୟ ରୂପେ ଗ୍ରହଣ କରାଯାଇଛି ସେଇ ୧୯୫୦ ମସିହାରୁ । ମନୋରଞ୍ଜନ ଦାସ ଏହାର ପ୍ରୟୋଗ କରି ସଫଳତା ପାଇବାପରେ ତାଙ୍କର ସମସାମୟିକ ଅନ୍ୟ ପ୍ରୟୋଗବାଦୀ ନାଟ୍ୟକାରମାନେ ମଧ୍ୟ ଏହି ଶୈଳୀକୁ ଗ୍ରହଣ କଲେ । ଗତ ଶତକର ଶେଷ ପାଦରେ ସୂର୍ଯ୍ୟ ପରାଗ ନାଟକରେ ଏହି ଶୈଳୀର ପ୍ରୟୋଗ ଏକ ପୁନରାବୃତ୍ତି ମାତ୍ର ।

ବିଷୟ ଚୟନ ନିମନ୍ତେ ନାଟ୍ୟକାର ଏଥିରେ ବାହାର ଦୁନିଆ ଆଡୁ ଆଖି ଫେରାଇ ସମାଜର ମୁଖ୍ୟସ୍ତମ୍ଭ ପରିବାର ଆଡେ ନଜର ଦେଇଛନ୍ତି । ସନ୍ଦେହ ବା ସଂଶୟ ହେଉଛି, ସମ୍ପର୍କ ପକ୍ଷରେ ଏକ ଘାତକ ଅସ୍ତ୍ର ସ୍ୱରୂପ । ଥରେ ତାହା ମନ ଭିତରେ ପ୍ରବେଶ କରିଗଲେ, ପରିବାରରେ ନିଆଁ ଜଳେ । ନାଟକରେ ଏହି ଜଟିଳ ସମସ୍ୟାଟିକୁ ଗ୍ରହଣ କରାଯାଇଛି ଏବଂ ଗୋଟିଏ ସୁଖୀ ପରିବାର ହୋଇଛି ଏହାର ଅବଲମ୍ୱନ । ଏହି ନାଟକରେ ନାଟ୍ୟକାର ତପନ ଚରିତ୍ରରେ ପୁରୁଷର ମନସ୍ତତ୍ତ୍ୱର ବିଶ୍ଳେଷଣ କରିଛନ୍ତି ଜଣେ ସ୍ୱାମୀ ହୋଇ ଏକ ପୁରୁଷ ଭାବରେ ନିଜର ଘନିଷ୍ଠ ବନ୍ଧୁ ଆଲୋକ ସହିତ ନିଜ ପତ୍ନୀ ଶୀଳାର ମିଳାମିଶାକୁ ସେ ପସନ୍ଦ କରିନି ଉପରେ ମୁହଁ ଖୋଲି ନକହିଲେ ମଧ୍ୟ ଭିତରେ ଭିତରେ ସେ ତାହାକୁ ଗ୍ରହଣ କରିପାରିନି ସର୍ବଦା ସେମାନଙ୍କ ସମ୍ପର୍କକୁ ସେ ସନ୍ଦେହ ଦୃଷ୍ଟିରେ ଦେଖିଛି । ମାତ୍ର ଅମର ଶେଷରେ ସବୁ ସନ୍ଦେହର କଳା ବାଦଲକୁ ହଟେଇଦେଇଛି ।

**ମାର୍କ୍ସବାଦୀ ଚିନ୍ତାଧାରା ସମ୍ବଳିତ ନାଟକ :**

ଆଧୁନିକ ବିଶ୍ୱ ଚିନ୍ତାଜଗତ ଯଶସ୍ୱୀ ଦାର୍ଶନିକ କାର୍ଲ ମାର୍କ୍ସଙ୍କ ଦ୍ୱାରା ପ୍ରବର୍ତ୍ତିତ ଚିନ୍ତାଧାରା ସାଧାରଣତଃ ମାର୍କ୍ସବାଦୀ ଚିନ୍ତାଧାରା ରୂପେ ପରିଚିତ । ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣାଙ୍କ ନାଟକରେ ମ୍ଭ ଏହି ଚିନ୍ତାଧାରାର ପ୍ରୟୋଗ ଦେଖିବାକୁ ମିଳେ । ବାର୍ତ୍ତା, ଉତ୍ତର ପୁରୁଷ, ସୁଅ ନାଟକରେ ଏହି ଚିନ୍ତାଧାରାର ପ୍ରୟୋଗ ଆମକୁ ଦେଖିବାକୁ ମିଳେ । 'ଉତ୍ତର ପୁରୁଷ' ନାଟକର ରଚନା କାଳ ୧୯୮୯ ମସିହା । ଏହି ନାଟକରେ ଏକ ଗମ୍ଭୀର ସମସ୍ୟାକୁ ବିଷୟରୂପେ ଗ୍ରହଣ କରାଯାଇଛି । କଳାତ୍ମକ ପରିବେଷଣ ରୀତି ନିମନ୍ତେ ନାଟକଟି ବହୁବାର ମଞ୍ଚସ୍ଥ ହୋଇ ଦର୍ଶକମାନଙ୍କ ଦ୍ୱାରା ପ୍ରଶଂସିତ ତଥା ପୁରସ୍କୃତ ହୋଇଛି । ନାଟକରେ ସମସାମୟିକତାର ଏକ ବିଶେଷ ଦିଗ- ସମାଜର ଅବକ୍ଷୟୀ ଏବଂ ସହଜିଆ ରୂପଟି ଯେଉଁଠି ଅତ୍ୟନ୍ତ ସ୍ପଷ୍ଟ ତାହାହିଁ ଦେଖାଇଦିଆଯାଇଛି । ଭୋଗବାଦ ହେଉଛି ଶିଳ୍ପ ସଂସ୍କୃତିର ଏକ ବିଶେଷ ପ୍ରବୃତ୍ତି ଏବଂ ଅସୁରକ୍ଷା ଭାବନା, ଅନିଶ୍ଚିତତା, ଅସ୍ଥିରତା, ବ୍ୟକ୍ତିକୈନ୍ଦ୍ରିକତା, ଅଧିକାର ବୋଧ ପ୍ରଭୃତି ଅନେକ ଉପାଦାନ ଏହାକୁ ଉତ୍ତେଜିତ କରେ । ନୈତିକତା, ଆଦର୍ଶ, ପାପପୁଣ୍ୟ ବିଷୟକ ଅବବୋଧ ଏ ସବୁ ବଳିଦେଇ ଆଜିର ମଣିଷ ଅନ୍ଧ ଭାବରେ କାମନା ପୂରଣ ନିମନ୍ତେ ସହଜ ପନ୍ଥାଟିକୁ ବାଛିନିଏ । ଯାହା ତା'ର ଦରକାର ବୋଲି ସେ ମନେ କରେ ତାକୁ ସେ ବଳପୂର୍ବକ ସମାଜଠାରୁ ଆଦାୟ କରିନିଏ । ଆଜିର ରାଜନୀତି ଏହି ପେଶୀ ଶକ୍ତିର ବଳ ଉପରେ ନିର୍ଭରଶୀଳ । ପ୍ରୋତ୍ସାହନ ଆସେ ସେଇଠୁ; ସମାଜ ଶୃଙ୍ଖଳା ଭାଙ୍ଗିପଡେ । ଅରାଜକତା ବ୍ୟାପେ । ପାପ ପୁଣ୍ୟ, ନ୍ୟାୟ ଅନ୍ୟାୟ, ନୀତିଅନୀତି ମଧ୍ୟରେ ଥିବା ପାଚେରୀ ଭାଙ୍ଗିପଡ଼େ । ତାହାରି ଭିତରେ ଥାଆନ୍ତି

କେହି ଯେକି ଦୁର୍ନୀତିର ମହାପ୍ଲାବନରେ ଉବେଇ ଟୁବେଇ ହେଉଥିବା ବେଳେ ଶେଷକୁ କୁଟାଖିଅ ଭଳି ନୀତିକୁ ଧରିଥାଆନ୍ତି । ଦୁଇ ବିପରୀତ ଶକ୍ତି ମଧ୍ୟରେ ଯେଉଁ ତୀବ୍ର ଦ୍ୱନ୍ଦ ମୂଲ୍ୟବୋଧର ଅବକ୍ଷୟ ରୋକିବାକୁ ଯେଉଁ ପ୍ରଚଣ୍ଡ ସଂଘର୍ଷ ଉତ୍ତର ପୁରୁଷ ହେଉଛି ତାହାର ମାତ୍ର ନାଟ୍ୟ ରୂପ ।

'ବାର୍ତ୍ତା' ଆତଙ୍କବାଦ ଉପରେ ଏହି ନାଟକଟି ଆଧାରିତ । ନାଟକର ରଚନା କାଳ ୧୯୯୩ ମସିହା । ଆତଙ୍କବାଦୀ ସମାଜର ଏକ ଦୁଷ୍ଟ ବ୍ରଣ- ତା'ର ଅଗ୍ରଗତି ପଥର କଣ୍ଟକ । ତେବେ ଯନ୍ତ୍ରଣା, ନୈରାଶ୍ୟ ଏବଂ ବ୍ୟର୍ଥତା ମଧ୍ୟରୁ ଯେ ତାଙ୍କର ସୃଷ୍ଟି ହୁଏ, ତାହା କେହି ଜାଣନ୍ତି ନାହିଁ କିମ୍ବା ଅଳ୍ପ କେତେକ ଜାଣନ୍ତି । ଏହି ନାଟକରେ ତାହାର ମୂଳ ଉତ୍ସ ନିକଟରେ ପହଞ୍ଚିବାକୁ ଚେଷ୍ଟା କରାଯାଇଛି ।

'ସୁଅ' ନାଟକର ରଚନା କାଳ ୧୯୮୪ ମସିହା । ନାଟକରେ ସମସ୍ତ ପ୍ରତିଭାର ଅଧିକାରୀ ହୋଇ ମଧ୍ୟ ଯେତେବେଳେ ଜଣେ ସରକାରୀ ଚାକିରୀଟିଏ ପାଏ ନାହିଁ । ଶେଷରେ ପଇସା ଦେଇ ବେସରକାରୀ ଚାକିରୀ କରେ ଯାହାକୁ ପରେ ଚକ୍ରାନ୍ତ କରି ମଧ୍ୟ ତା'ଠାରୁ ଛଡାଇ ନିଆଯାଏ; ସେଇ ସରଳ ମଣିଷର ସହିବାର ସବୁ ସୀମା ସେତେବେଳେ ଅତିକ୍ରାନ୍ତ ହେଇଯାଏ ଯେତେବେଳେ ତା ପରିବାର ଉପରେ ଖରାପ ନଜର ପଡ଼େ ସେତେବେଳେ ସେ ହିଂସ୍ର ହୋଇଉଠେ ଯାହା ଏହି ନାଟକରେ ଗୋପୀ ଚରିତ୍ର ମାଧ୍ୟମରେ ଦର୍ଶାଇ ଦିଆଯାଇଛି ।

**ସାମାଜିକ ନାଟକ :**

'ସେଦିନ ଆସୁଛି' ଏହା ନାଟ୍ୟକାରଙ୍କ ରଚିତ ପ୍ରଥମ ନାଟକ । ନାଟକଟି ପ୍ରଥମେ ୧୯୮୩ ମସିହାରେ ମଞ୍ଚସ୍ଥ ହୋଇଥିଲା । ଏହା ଛୁଆଁ ଅଛୁଆଁ ଭେଦଭାବକୁ ନେଇ ରଚିତ । Untouchability is a crime against mankind and god ଗାନ୍ଧିଜୀଙ୍କର ଏହି ବାର୍ତ୍ତାଟି ନାଟ୍ୟକାର ଏହି ନାଟକ ମୂଳରେ ଦେଇଛନ୍ତି । ନାଟକର ଆରମ୍ଭରେ ସୂତ୍ରଧର ଦୁଇ ଜଣଙ୍କ ପ୍ରବେଶ ଘଟେ, ଦୁଇଜଣ ଗୀତ ଗାଇ ଗାଇ ହାରମୋନିୟମ, ମୃଦଙ୍ଗ ଓ କିଛି ଚଟି ବହି ସହ ମଞ୍ଚରେ ପ୍ରବେଶ କରନ୍ତି ଓ ଗୀତ ମାଧ୍ୟମରେ ବଉଦପୁର ଗ୍ରାମର ପଞ୍ଚୁଆ ନାଏକ ଦଳିତ କୁଳରେ ଜନ୍ମ ହୋଇ ନିଜ ଝିଅକୁ ଉଚ୍ଚ ଶିକ୍ଷିତ କରିଥିବାରୁ କିପରି ଅନେକ କଷଣ ପାଇଛି ସେ ବିଷୟର ଅବତାରଣା କରିଛନ୍ତି । ଛୁଆଁ ଅଛୁଆଁ ଭେଦଭାବ, ସବର୍ଣ୍ଣ ଜମିଦାରମାନଙ୍କର ଅସବର୍ଣ୍ଣ ହରିଜନମାନଙ୍କ ଉପରେ କଷଣ ଆଦିର ଚିତ୍ର ଆମକୁ ଏହି ନାଟକରେ ଦେଖିବାକୁ ମିଳିଥାଏ ।

'ଆସନ୍ନ ପ୍ରଳୟ' ଏହା ଏକ ମନୋରଞ୍ଜନଧର୍ମୀ ଲଘୁରସର ନାଟକ । ନାଟକର ରଚନା କାଳ ୧୯୯୩ ମସିହା । ଗୋଟିଏ ଦିଗରେ ଏଥିରେ ସାଂପ୍ରତିକ ରାଜନୀତି ନିୟନ୍ତ୍ରିତ ସମାଜ ବ୍ୟବସ୍ଥାକୁ ବ୍ୟଙ୍ଗ କରାଯିବା ସହିତ ଅନ୍ୟ ଏକ ଦିଗରେ ପାରମ୍ପରିକ ସୃଷ୍ଟି ବ୍ୟବସ୍ଥା ଉପରେ ବିଜ୍ଞାନୀ ମଣିଷର ଅଯଥା ହସ୍ତକ୍ଷେପ ଫଳରେ ଯେଉଁ ବିଭ୍ରାଟ ସୃଷ୍ଟି ହେଉଛି, ତାହାର କଟୁ ସମାଲୋଚନା କରାଯାଇଛି । ନାଟକରେ ପାରମ୍ପରିକ ଶୈଳୀର 'ପ୍ରସ୍ତାବନା'ଟିଏ ରଖାଯାଇ ତହିଁରେ ହିନ୍ଦୁ ଦର୍ଶନର 'ପଞ୍ଚଭୂତ'କୁ ଚରିତ୍ର ରୂପରେ ମଞ୍ଚକୁ ଅଣାଯାଇଛି । ନାଟକଟି କାଳ୍ପନିକ ହେଲେ ମଧ୍ୟ 'ମିଥଧର୍ମୀ' । ଦେବତା ଆଉ ମଣିଷ ଏଉଭୟ ନାଟକର ଚରିତ୍ର ରୂପରେ ଦେଖାଯାଉଛନ୍ତି । ନାଟକର ଏକ ତୀବ୍ର ସାମାଜିକ ଆବେଦନ ମଧ୍ୟ ରହିଛି ।

'ନ୍ୟାୟ' ନାଟକର ରଚନା କାଳ ୧୯୯୩ ମସିହା । ନାଟକରେ ନାଟ୍ୟକାରଙ୍କର ନାଟ୍ୟବିଳାସୀ ମନ ପୁଣି ବହିର୍ମୁଖୀ ହୋଇଛି । ସ୍ୱାର୍ଥ ସର୍ବସ୍ୱ ମଣିଷ ନିଜକୁ ବଞ୍ଚାଇବାକୁ ଯେ, ଯେକୌଣସି ସ୍ତରକୁ ଚାଲିଯାଇପାରେ, ନାଟକରେ ଏଇ ତତ୍ତ୍ୱଟିକୁ ବ୍ୟାଖ୍ୟା କରାଯାଇଛି । ବ୍ୟକ୍ତିକୈନ୍ଦ୍ରିକତା ହେଉଛି ଯୁଦ୍ଧୋତ୍ତର କାଳ ଏବଂ ଶିଳ୍ପ ସଂସ୍କୃତି ପ୍ରଭାବିତ ସାଂପ୍ରତିକ ସମୟର ଏକ ଭୟଙ୍କର ଅବଦାନ । ମଣିଷ ଯେ ଇତି ପୂର୍ବରୁ ସ୍ୱାର୍ଥପର ନଥିଲା, ତାହା ନୁହେଁ ତେବେ ଯୁଦ୍ଧ ପରବର୍ତ୍ତୀ ସମୟରେ ତାର ଅସୁରକ୍ଷା ଭାବନାଟି କ୍ରମଶଃ ତୀବ୍ରତର ହେଉଥିବାରୁ ଏବଂ ଅସ୍ଥିରତା ମଧ୍ୟରେ ସମୟ କଟୁଥିବାରୁ ଅଧିକାରବୋଧ ଚେତନାଟି ପ୍ରବଳ ହୋଇଛି । ଶିଳ୍ପ ସଂସ୍କୃତିର ପ୍ରଧାନ ଅବଦାନ ହେଉଛି ତୀବ୍ରଭୋଗ ସ୍ପୃହା ଏହାର ବିଭିନ୍ନ ଉପାୟ ମଧ୍ୟରୁ ଦେହ-କାମନା ହେଉଛି ମୁଖ୍ୟ । ଭଲ ଦେହଟିଏ ଦେଖିଲେ ତାକୁ ଯେକୌଣସି ଉପାୟରେ ଅଧିକାର କରିବାର ଆସ୍ପୃହା ମଣିଷର ଚିନ୍ତା ଜଗତକୁ ଓଲୋଟପାଲଟ କରିଦିଏ । ଆଜିର ଅଧିକାଂଶ ସମସ୍ୟା ସୃଷ୍ଟି ହେଉଛି ଏହାକୁ କେନ୍ଦ୍ର କରି ।

ନ୍ୟାୟ ନାଟକରେ ମଧ୍ୟ ଏହିଭଳି ଏକ ସମସ୍ୟାକୁ ବିଶ୍ଳେଷଣ କରାଯାଇଛି । ଭୋଗର ବିଶେଷ କରି ଦେହଭୋଗର ଏକ ପରିଣତି ଥାଏ ଏବଂ ସ୍ୱାଭାବିକ କାରଣରୁ ତା'ର ଦାୟିତ୍ୱ ନନେଇ ଭୋଗ

କରାଯିବା ହେଉଛି ତା'ର ଆଦିମ ପ୍ରବୃତ୍ତି । ସେ ଯୁଗର ରାଜା ମହାରାଜାମାନେ ଏହା କରୁଥିଲେ ଏ ଯୁଗର ଚତୁର ମଣିଷ ମଧ୍ୟ ସେୟା କରୁଛି । ଅନ୍ତତଃ ଦାୟିତ୍ୱଟିକୁ ନିଜ କାନ୍ଧଠାରୁ ଦୂରରେ ରଖିବାକୁ ପ୍ରାଣପଣେ ଚେଷ୍ଟାକରୁଛି । ସୂଚିତ ନାଟକର ସମସ୍ୟାର ଅବତାରଣ କରାଯାଇଛି ।

'ଆପଣ ସାକ୍ଷୀ ରହିଲେ ହଜୁର' ନାଟକର ରଚନା କାଳ ୧୯୯୭ ମସିହା । ନାଟକରେ ଏକ ସାମାଜିକ ସମସ୍ୟାର ବିଶ୍ଲେଷଣ କରାଯାଇଛି । ସମସ୍ୟାଟି ହେଉଛି ସ୍ୱେଚ୍ଛା ବିବାହ ସମ୍ପର୍କିତ ପରିବର୍ତ୍ତିତ ସଂସ୍କୃତିରେ ପାତ୍ରପାତ୍ରୀ ଆଉ ପରିବାର ନିର୍ବାଚିତ ବିବାହ ପାଇଁ ପ୍ରାୟ ରାଜି ନହୋଇ ଦାୟିତ୍ୱଟିକୁ ନିଜ ଉପରକୁ ନେଇଯିବାକୁ ପସନ୍ଦ କରୁଛନ୍ତି । ସାଂପ୍ରତିକ ମୁକ୍ତ ସମାଜରେ ନାରୀମାନେ ଆଉ ପୂର୍ବଭଳି ଚାରିକାନ୍ଥ ଭିତରେ ନିଜକୁ ଆବଦ୍ଧ ନ ରଖି ଖୋଲା ଦୁନିଆରେ ବିଚରଣ କରୁଥିବାରୁ ପୁରୁଷ ପକ୍ଷ ସହିତ ସେମାନଙ୍କର ଯୋଗାଯୋଗର ସୁଯୋଗ ଯଥେଷ୍ଟ ପରିଚୟରୁ ଘନିଷ୍ଠତା ଯାହାକୁ କୁହାଯାଉଛି ପ୍ରେମ । ପ୍ରେମ ଗୃହ ତ୍ୟାଗ ଏବଂ ବିବାହରେ ପରିଣତ ହେବାକୁ ବିଳମ୍ବ ହେଉ ନାହିଁ, ଯେଉଁଭଳି ବିଳମ୍ବ ହେଉ ନାହିଁ ବିବାହ ଭାଙ୍ଗିବାରେ । ତେବେ ଏ ଧରଣର ବିବାହରେ ସମ୍ପୃକ୍ତ ଅବିଭାବକ ପକ୍ଷ ରାଜି ନ ହେବାରୁ ଅଧିକାଂଶ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେଉଛି । ସୂଚିତ ନାଟକରେ ଏହିଭଳି ଏକ ସମସ୍ୟା ସ୍ଥାନ ପାଇଛି । ଶ୍ରୀକାନ୍ତ ଏବଂ ପଦ୍ମା ପରସ୍ପରକୁ ଭଲ ପାଇ ବିବାହ କରୁଛନ୍ତି । ପ୍ରତିବାଦ କରାଯାଉଛି ଦୁଇ ପରିବାରରୁ । ତେବେ ବିବାହ ହୋଇଯାଉଛି । କନ୍ୟା ପିତା ଗୌରାଙ୍ଗ କନ୍ୟା ଅପହରଣ ଅଭିଯୋଗ କରି, ଶ୍ରୀକାନ୍ତ ନାଁରେ ପୋଲିସ୍ ଅଭିଯୋଗ କରୁଛନ୍ତି । ଶ୍ରୀକାନ୍ତ ବିଚରା ଗିରଫ ହୋଇଯାଉଛି ପଦ୍ମା କୋର୍ଟରେ ଘୋଷଣା କରୁଛି ଯେ ସେ ସାବାଳିକା ହୋଇଥିବାରୁ ସ୍ୱେଚ୍ଛା ବିବାହରେ ତା'ର ଅଧିକାର ଅଛି ଏବଂ ସେ ଶ୍ରୀକାନ୍ତକୁ ବିବାହ କରିସାରିଛି । ଗୌରାଙ୍ଗ ସ୍ୱୀକାର କରିଛି ଏ ବିବାହ ସମ୍ବାଦ ତା'ର ଅଜ୍ଞାତ ନୁହଁ ବସ୍ତୁତଃ, ବରପିତା ଏ ବିବାହରେ ଖଳ ନାୟକ ଭୂମିକାରେ ଓହ୍ଲାଇ ପଡିବାରୁ ବାଧ୍ୟ ହୋଇ ସେ ପ୍ରଣୟୀ ଯୁଗଳକୁ ଘରୁ ପଳାଇଯାଇ ବିବାହ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପାତ୍ରପାତ୍ରୀ ଦୁହେଁ ସାବାଳକ ହୋଇଥିବାରୁ ଖଳନାୟକର ଅତ୍ୟାଚାର ବିରୋଧରେ ଅନ୍ତତଃ କୋର୍ଟର ସହାୟତା ମିଳିଯିବ ଏହାହିଁ ହେଉଛି ତା' ଚିନ୍ତାଧାରା । କୋର୍ଟର ବିଚାରକ ଦୁଇ ପ୍ରେମୀଯୁଗଳଙ୍କୁ ଖଲାସ୍ କରି ଦେଇ ଦୁଇ ପକ୍ଷକୁ ଏ ବିବାହ ମାନିନେବା ନିମନ୍ତେ ପରାମର୍ଶ ଦେଉଛନ୍ତି ।

ଶେଷ ଠିକଣା'ଏହି ନାଟକଟି ଗାଳ୍ପିକ ତଥା ଓଡ଼ିଶା ସାହିତ୍ୟ ଅକାଦମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ନାଟ୍ୟକାର ଆନନ୍ଦ ଚନ୍ଦ୍ର ପହୀଙ୍କ ଗଳ୍ପ 'ପଣବନ୍ଦୀ'ର କଥାବସ୍ତୁ ସହିତ କିଛି ନୂତନ ଚରିତ୍ର ଏବଂ ହାସ୍ୟ ରସର ମିଶ୍ରଣରେ ନାଟ୍ୟକାର ଦିଲ୍ଲୀଶ୍ୱର ଏହାକୁ ନାଟ୍ୟରୂପ ଦେଇଛନ୍ତି । ପ୍ରଥମେ ଏହି ନାଟକର ନାମ ଥିଲା 'ବୁଢାବାପର ଶେଷ ଠିକଣା' ପରବର୍ତ୍ତୀ ସମୟରେ ରାଉରକେଲାର ପ୍ରମୁଖ ନାଟ୍ୟାନୁଷ୍ଠାନ 'ପ୍ରତିଧ୍ୱନି'ର ସଂଯୋଜକ ତଥା ନାଟ୍ୟ ନିର୍ଦ୍ଦେଶକ ଶରତ ଦାସଙ୍କ ପରାମର୍ଶ କ୍ରମେ ନାଟକର ନାମକୁ 'ଶେଷ ଠିକଣା'ରେ ପରିବର୍ତ୍ତନ କରାଯାଇ ପ୍ରଥମେ ପ୍ରତିଧ୍ୱନି ସଂସ୍ଥା ଦ୍ୱାରା ମଞ୍ଚସ୍ଥ କରାଯାଇଥିଲା ।

ଏହା ଏକ ସାମାଜିକ ନାଟକ । ନାଟକଟିରେ କିପରି ଉଚ୍ଚ ଶିକ୍ଷିତ ପୁଅବୋହୂମାନେ ନିଜ ବୁଢା ବାପାମାଙ୍କୁ ବୋଝ, ଅଲୋଡା ଅଦରକାରୀ ଭାବନ୍ତି ତାହା ବର୍ଣ୍ଣନା କରାଯାଇଛି ।

'ଭୋଳାନାଥ ଦାସ ହାଜିର ହେ' ନାଟକର ରଚନା କାଳ ୨୦୦୦ ମସିହା । ନାଟକରେ ପରିବର୍ତ୍ତିତ ମୂଲ୍ୟବୋଧ ଭିତ୍ତିକ ଅବକ୍ଷୟୀ ସମାଜରେ ସମ୍ପର୍କର କ୍ଷୀୟମାଣ ରୂପକୁ ଦେଖାଇ ଦିଆଯାଇଛି । ସାଂପ୍ରତିକ ଯୁବମାନସ ଭୋଗବାଦର ଅଜଗରୀ ଗ୍ରାସରେ ଥାଇ ନିଜ ପାଇଁ ପୃଥିବୀର ଯାବତୀୟ ଐଶ୍ୱର୍ଯ୍ୟ କାମନା କରୁଛି । ଯଦି ତାକୁ ଏହାର ସୀମା ସମ୍ପର୍କରେ ପଚରାଯାଏ, ତେବେ ତା'ର ସ୍ପଷ୍ଟ ଉତ୍ତର ହେବ sky is the limit । ଏହାର ପରିମାଣ ଆମେ ଦେଖୁଛୁ । ସୂଚିତ ନାଟକରେ ଏଭଳି ଏକ ସମସ୍ୟାର ବିଚାର କରାଯାଇଛି ।

'ଅସମାପ୍ତ' ନାଟକର ରଚନା କାଳ ୨୦୦୪ ମସିହା । ବଉଦପୁରରେ ଚୋରା ମଦ କାରବାରକୁ ନେଇ ସାମ୍ବାଦିକ ସତ୍ୟପ୍ରକାଶ ସମ୍ବାଦ ପ୍ରକାଶ କରିଛନ୍ତି; ଯାହା ସେହି ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଏହି ସମ୍ବାଦ ତାଙ୍କ ଉପରେ ତଥା ତାଙ୍କ ପରିବାର ଉପରେ ବିପଦ ହୋଇପଡିଛି । ସାମ୍ବାଦିକ ଆଇନର ଦ୍ୱାରସ୍ଥ ହୋଇଛନ୍ତି କିନ୍ତୁ ପରିଣାମ କିଛି ଭଲ ହୋଇନାହିଁ । କାରଣ ପୋଲିସ ଠାରୁ ଆରମ୍ଭ କରି ରାଜନେତା ପର୍ଯ୍ୟନ୍ତ ସମସ୍ତେ ମିଟୁ ସିଂ ପରି ପଇସାବାଲା ମଦ ବ୍ୟବସାୟୀମାନଙ୍କ ହାତର ଖେଳଣା

ପାଲଟିଛନ୍ତି, ସମାଜର ଏହି ବାସ୍ତବ ଚିତ୍ରକୁ ନାଟ୍ୟକାର ଏହି ନାଟକ ମାଧ୍ୟମରେ ଦର୍ଶାଇଛନ୍ତି ।

'ଭାଇ ଭାଇ'ଏହା ମଧ୍ୟ ଏକ ହାସ୍ୟ ବ୍ୟଙ୍ଗର ନାଟକ । ଏହି ନାଟକଟି ୨୦୦୫ ମସିହାରେ କଳାପରିଷଦ ନାଟ୍ୟସଂସ୍ଥା ଦ୍ୱାରା ସର୍ବପ୍ରଥମେ ମଞ୍ଚସ୍ଥ ହୋଇଥିଲା । ଏହି ନାଟକରେ ସମାଜରେ ଘଟୁଥିବା ବାସ୍ତବ ଘଟଣାଟିକୁ ହାସ୍ୟରସାତ୍ମକ ଭାବରେ ପରିବେଷଣ କରାଯାଇଛି । ଥାନାର ବଡ଼ବାବୁମାନେ ବଡ଼ ବଡ଼ ଚୋରା ବେପାରୀଙ୍କ ପାଖରୁ ନେଇଛି; ତା' ତଳ ବାବୁ ଡକାୟତମାନଙ୍କଠାରୁ ନେଉଛି, ଏସ୍.ପି. ଠାରୁ ଆରମ୍ଭ କରି ଡି.ଜି. ପର୍ଯ୍ୟନ୍ତ ସମସ୍ତେ ନେଉଛନ୍ତି ସମସ୍ତେ ଶୋଷଣରେ ଲିପ୍ତ ଏହି ଚିତ୍ରକୁ ହାସ୍ୟରସାତ୍ମକ ଭାବରେ ବର୍ଣ୍ଣନା କରାଯାଇଛି ।

'ସିଦ୍ଧାନ୍ତ' ହାସ୍ୟ ବିରାମଯୁକ୍ତ ସିରିଓ କମିକ୍ ଶ୍ରେଣୀର ନାଟକ । ଏହି ନାଟକଟି ୧୯୯୪ ମସିହାରେ ରଚିତ । ପ୍ରଥମ ଥର ପାଇଁ ଏହା ନାଟ୍ୟମ ଅନୁଗୋଳ ଆୟୋଜିତ ରାଜ୍ୟସ୍ତରୀୟ ନାଟ୍ୟ ପ୍ରତିଯୋଗିତାରେ କଳା ପରିଷଦ, ଢେଙ୍କାନାଳ ଶିଳ୍ପୀମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ଏହି ନାଟକରେ ମଧ୍ୟ ବୃଦ୍ଧ ପିତା ପ୍ରତି ପିଲାମାନଙ୍କର ବ୍ୟବହାର ଯାହା ବାସ୍ତବରେ ସମାଜରେ ଘଟୁଛି ତାହାର ବର୍ଣ୍ଣନା କରାଯାଇଛି ।

'ତତ୍କାଳ ସମାଧାନ' ଏହା ଏକ ହାସ୍ୟରସଯୁକ୍ତ ମନୋରଞ୍ଜନ ଧର୍ମୀ ନାଟକ । ନାଟକର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦର୍ଶକ ଆନନ୍ଦ ଲାଭ କରିଥାଏ ।

'ଭଲପାଇବାର ରଙ୍ଗ' ଏହା ସମାଜ ଜୀବନରେ ଗୋଟିଏ ସାଧାରଣ ସମସ୍ୟାକୁ ନେଇ କଳ୍ପିତ ଏକ ଲଘୁ ନାଟକ । ଏହାର ନାୟକ ହେଉଛି ଶୁଭେନ୍ଦୁ ଯିଏ ବିବାହ ପ୍ରତି ବୀତସ୍ପୃହ ଜଣେ ଯୁବକ । ସଂସାର ଧର୍ମ ପାଳନ ନିମନ୍ତେ ଗର୍ଭଧାରିଣୀଙ୍କର ସମସ୍ତ ଆବେଦନକୁ ଏଡ଼ାଇ ଯାଇ ସହରରେ ଚାକରଟିଏ ନେଇ ସେ ତା'ର ଭଲରେ ଥାଏ । ତେବେ ତା'ର ଏହି ମନୋଭାବକୁ ବଦଳେଇବା ପାଇଁ ନିଧି ମଉସା, ବନ୍ଧୁ ଭବାନୀ, ତା'ର ମାଆ ଯେଉଁ ଚକ୍ରାନ୍ତ କରନ୍ତି, ତହିଁରୁ ସୃଷ୍ଟ ନାଟ୍ୟଦ୍ୱନ୍ଦ ସମଗ୍ର ନାଟକଟିକୁ ଗତିମୁଖର କରିଛି । ବନ୍ୟା ନିଜର ଆଚରଣ, କାର୍ଯ୍ୟଦ୍ୱାରା ଧୀରେ ଧୀରେ ବିବାହ- ବିତୃଷ୍ଣପାତ୍ର ଶୁଭେନ୍ଦୁର ମନ ଭିତରେ ନିଜ ପାଇଁ ସ୍ଥାନ କରିନେଉଛି, ଯାହାର ପରିଣତି ହେଉଛି ବିବାହ ।

'ଦ୍ୱିତୀୟ ଈଶ୍ୱର' ବିଜ୍ଞାନର ଅପପ୍ରୟୋଗ ଦ୍ୱାରା କିଭଳି ଜଟିଳ ସମସ୍ୟା ସୃଷ୍ଟି ହୋଇପାରେ, ତାହାରି ସମ୍ଭାବନାକୁ ନେଇ ରଚିତ ସ୍ୱତନ୍ତ୍ର ସ୍ୱାଦର ଏକ କାଳ୍ପନିକ ନାଟକ । ମଣିଷ ନିଜକୁ ସର୍ବଶକ୍ତିମାନ ମନେ କରୁଥିଲେହେଁ ଏବଂ ବିଜ୍ଞାନର ସହାୟତାରେ ନିଜର ପାରଙ୍ଗମତାକୁ ବହୁଗୁଣରେ ବର୍ଦ୍ଧିତ କରିପାରିଥିଲେ ହେଁ, ସୃଷ୍ଟିର ରହସ୍ୟଭେଦ କରିବା ଯେ ତଥାପି ତା' ପକ୍ଷରେ ସମ୍ଭବ ହୋଇପାରି ନାହିଁ । ଏହି ନାଟକରେ ତାହା ଦେଖାଇଦିଆଯାଇଛି ।

'ସୂର୍ଯ୍ୟ ଉଇଁବାର ବେଳ' ଏହା ଏକ ସାମାଜିକ ସମସ୍ୟାମୂଳକ ନାଟକ । ନାଟକରେ ଅଖିଳବାବୁଙ୍କ ଝିଅ ପଦ୍ମା ରୂପବତୀ, ଗୁଣବତୀ ଏବଂ ଶିକ୍ଷିତ ହୋଇ ବି.ଏ. ପଢିଥିଲେ ମଧ୍ୟ ତାହାର ବିବାହ ପ୍ରସ୍ତାବ ବାରମ୍ବାର ଭାଙ୍ଗି ଯାଉଛି; ଏହି ପ୍ରସ୍ତାବ ଭାଙ୍ଗିବାର କାରଣ ହେଉଛନ୍ତି ତା' ନିଜ ମାଆ । ମାଆଙ୍କ ମୁହଁର ଧଳା ଛଉ ଦାଗ ହିଁ ତା' ସମସ୍ତ ବିବାହ ପ୍ରସ୍ତାବ ଭାଙ୍ଗିବାର କାରଣ । ଏହି ନାଟକରେ ଏହି ଅନ୍ଧବିଶ୍ୱାସକୁ ଦୂର କରିବାପାଇଁ ନାଟ୍ୟକାର ଚେଷ୍ଟା କରିଛନ୍ତି ।

'କୁମାର କୁଳ ଚନ୍ଦ୍ରମା' ନାଟକର ରଚନା କାଳ ୧୯୮୪ ମସିହା । ଏହି ନାଟକରେ ବିବାହକୁ ନେଇ ଏକ ଗୋଲକ ଧନ୍ଦା ଦେଖାଦେଇଛି । ବିଶିଷ୍ଟ ଶିଳ୍ପପତି ଦେବେନ୍ଦ୍ର ରାୟଚୌଧୁରୀଙ୍କ ପୁଅ ମନୋଜ ରାୟ ଚୌଧୁରୀର ବିବାହ ନିମନ୍ତେ ନିଜର ବାଲ୍ୟବନ୍ଧୁଙ୍କ ଝିଅ ସହିତ ବାହାଘର କରିବାକୁ ସ୍ଥିର କରିଛନ୍ତି; ଏବଂ ମନୋଜଙ୍କୁ ତାଙ୍କ ବନ୍ଧୁମାନଙ୍କ ସହ ରାଉରକେଲା ଯାଇ ଝିଅଟିକୁ ଦେଖି ଆସିବାକୁ ନିର୍ଦ୍ଦେଶ ଦେଇଛନ୍ତି; କିନ୍ତୁ କୁମାର କୁଳ ଚନ୍ଦ୍ରମା ମନୋଜ ବାପା ଠିକ୍ କରିଥିବା ପ୍ରସ୍ତାବରେ ରାଜି ହୋଇନାହାନ୍ତି କାରଣ ସେ ଏକ ଝିଅକୁ ଭଲ ପାଇ ତାକୁ ବିବାହ କରିବେ ବୋଲି ପୂର୍ବରୁ ପ୍ରତିଶ୍ରୁତି ଦେଇଛନ୍ତି । ନାଟକ ଶେଷରେ ସବୁ ଦ୍ୱନ୍ଦର ସମାଧାନ ଘଟି ଏକ ସୁଖଦ ପରିଣତି ଘଟିଛି ।

'ଏ ମଙ୍ଗଳ ମହୁରୀର ତାନ' ନାଟକର ରଚନା କାଳ ୨୦୦୮ ମସିହା । ଏହା ଏକ ସଂପୂର୍ଣ୍ଣ ହାସ୍ୟରସର ନାଟକ । ଭୁବନାନନ୍ଦ ତରାଇଙ୍କ ମଧ୍ୟସ୍ଥତାରେ ସରୋଜ ବାବୁ ଏବଂ ରେଣୁ ଦେବୀଙ୍କ କନ୍ୟା ଗାୟତ୍ରୀ ସହିତ ବନମାଳୀ ଏବଂ ସୁଭଦ୍ରା ଦେବୀଙ୍କ ପୁଅର ବିବାହ ପ୍ରସ୍ତାବ ଠିକ୍ ହୁଏ । ବିବାହକୁ ନେଇ ପରସ୍ପରମ୍ଭରେ ସାମାନ୍ୟ ବିଭ୍ରାଟ ସୃଷ୍ଟି ହୋଇଛୁ । ନାଟକ ଶେଷରେ ସବୁ ବିଭ୍ରାଟର

ସମାଧାନ ହୋଇଯାଇଛି ଏବଂ ଦୁଇ ପରିବାର ବିବାହରେ ସହମତି ପ୍ରକାଶ କରିଛନ୍ତି ।

'ଚକେ ଗଲେ ବାର ହାତ' ମଣିଷର ଚରିତ୍ରର ଆଉ ଏକ ଅନ୍ଧକାର ଦିଗ ଉପରେ ଆଲୋକପାତ କରାଯାଇଛି ଏହି ନାଟକରେ ବାଟ ଚାଲୁ ଚାଲୁ ମଣିଷ ଆଗରେ କେତେ ସମସ୍ୟା ଦେଖାଦିଏ । ଉପସ୍ଥିତ ବୁଦ୍ଧି ସାହାଯ୍ୟରେ ସମସ୍ୟାକୁ କୌଣସି ମତେ ଟାଳିଦେଲେ, ପୁଣି ଚାଲିଯାଏ କିଛି ଦିନ । ଆଉ ଥରେ ସେଇ ସମସ୍ୟା ଆସିଲେ ନୂଆ ଉପାୟ ଖୋଜିବାକୁ ପଡେ । କଟିଯାଏ କିଛି ଦିନ । ଏମିତି ଛିଣ୍ଡା ସୂତ୍ରକୁ ଯୋଡି ଫଟା ଘଟଣା ଉପରେ ତାଳି ପକାଇ କିଛି ମଣିଷ ଜୀବନ କଟାଇ ଦିଅନ୍ତି । ସୂଚିତ ନାଟକରେ ଏହି ଭଳି ଜଣେ ମଣିଷକୁ ନାଟ୍ୟକାର ଖୋଜି ବାହାର କରିଛନ୍ତି । ମଧୁସୂଦନ ସହରରେ ବିଦ୍ୟାଧରଙ୍କ ଘରେ ଭଡାରେ ରହନ୍ତି । ଭଡା ଦିଅନ୍ତି ନାହିଁ କି ଘର ଛାଡନ୍ତି ନାହିଁ । ଶେଷରେ ଦିନେ ବିଦ୍ୟାଧର ତାଙ୍କୁ ଘର ଛାଡିବାକୁ ଏକ ପ୍ରକାର ବାଧ କରନ୍ତି । ପରିବାର ଧରି ନୂଆ ଭଡାଟିଆ ମଧ ଆସି ପହଞ୍ଚିଯାଏ । ଉପସ୍ଥିତ ବିପଦ ଟାଳିବା ପାଇଁ ମଧୁସୂଦନ ହଠାତ ଆରମ୍ଭ କରିଦିଅନ୍ତି ଏକ ନୂତନ କାହାଣୀ । ସେ ଆଗନ୍ତୁକଙ୍କୁ ବୁଝାଇ ଦିଅନ୍ତି ଘରଟି ନିତ୍ୟାନ୍ତ ଅଶୁଭ । ଏଇ ଘରେ ତାଙ୍କର ସ୍ତ୍ରୀଙ୍କର ମୃତ୍ୟୁ ହାଇଥିଲା ଏବଂ ଆହୁରି ତିନି ମୁଣ୍ଡ ଆହୁରି ଗଡ଼ିବ ବୋଲି ଜ୍ୟୋତିଷ କହିଛନ୍ତି । ଏ କଥା ଶୁଣି ସାରି କେଉଁ ସଂସାରୀ ସେ ଘରେ ରହିବାକୁ ମନ ବଳାଇବ ? ଆଗନ୍ତୁକ ଯେମିତି ସେହି ଘରେ ରହିବାକୁ ଆସିଥିଲେ ଠିକ୍ ସେମିତି ମଧ ପଳାଇଗଲେ, ଧୂର୍ତ୍ତ ମଧୁସୂଦନ ଦାନ୍ତ ଚିପି ଚିପି ହସିଉଠନ୍ତି କାରଣ ପୁଣି କିଛି ଦିନ ସେ ଘରେ ରହିପାରିବେ ।

ଓଡିଆ ନାଟ୍ୟ ସାହିତ୍ୟର ପ୍ରଲମ୍ବିତ ଗତିପଥରେ ନାଟ୍ୟକାର ଗୋପାଳ ଛୋଟରାୟ (ନାଟକ- ଅର୍ଦ୍ଧାଙ୍ଗିନୀ), ପ୍ରାଣବନ୍ଧୁ କର(ନାଟକ- ଅଶାନ୍ତ) ଓ ବ୍ୟୋମକେଶ ତ୍ରିପାଠୀ(ନାଟକ- ଏକ,ଦୁଇ,ତିନି) ଯେଉଁ ନୂତନତାର ଶୁଭାରମ୍ଭ କରିଥିଲେ, ତାହା ମନୋରଞ୍ଜନ ଦାସ, ବିଶ୍ୱଜିତ ଦାସ, ରମେଶ ପ୍ରସାଦ ପାଣିଗ୍ରାହୀ ଓ ବିଜୟ ମିଶ୍ର ପ୍ରମୁଖଙ୍କ ପରୀକ୍ଷା ଓ ପ୍ରୟୋଗର ଧାରାରେ ନବନାଟକର ସ୍ୱର ସ୍ପଷ୍ଟତର ହେବାକୁ ଲାଗିଲା । ଓଡିଆ ନବନାଟ୍ୟଧାରାର ନାଟକରେ ଉଭୟ ଆଙ୍ଗିକ ଓ ଆତ୍ମିକ କ୍ଷେତ୍ରରେ ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଯିବାରୁ ବହୁବିଧ ପରିବର୍ତ୍ତନକୁ ଲକ୍ଷ୍ୟ କରିହୁଏ । ପାଶ୍ଚାତ୍ୟ ନାଟ୍ୟ-ଦର୍ଶନରେ ଅନୁପ୍ରାଣିତ ହୋଇ ନବନାଟକର ପ୍ରମୁଖ ସ୍ରଷ୍ଟାଗଣ ସେମାନଙ୍କ ନାଟକରେ ଯୁଦ୍ଧୋତ୍ତର ମଣିଷର ନୈରାଶ୍ୟବୋଧ, ଅବଚେତନର ରହସ୍ୟ ଉଦ୍ଘାଟନ, ସାମାଜିକ ସମସ୍ୟା ପରିବର୍ତ୍ତେ ମନସ୍ତାତ୍ତ୍ୱିକ ସମସ୍ୟାର ଚିତ୍ରଣ, ଫ୍ରଏଡଙ୍କ ଯୌନତତ୍ତ୍ୱ, ମାର୍କ୍ସଙ୍କର ସାମ୍ୟବାଦ ଦର୍ଶନ, ଅଙ୍କବିହୀନ ଗୋଟିଏ ସେଟର ନାଟକ, ସଂଳାପରେ ଅବ୍ସର୍ଡ୍ ଦର୍ଶନ, କଣ୍ଠ ସଙ୍ଗୀତ ପରିବର୍ତ୍ତେ ଯନ୍ତ୍ର ସଙ୍ଗୀତ, ସଙ୍କେତ ଧର୍ମୀ ମଞ୍ଚ କୌଶଳ ପ୍ରଭୃତିକୁ ସ୍ଥାନିତ କଲେ । 'ଳତଃ ନାଟକ କ୍ରମଶଃ ସାଧାରଣ ଦର୍ଶକଙ୍କ ପାଇଁ ଦୁର୍ବୋଧ ହୋଇ ପଡିଲା । ନାଟକ ଦର୍ଶକମାନଙ୍କୁ ମନୋରଞ୍ଜନ ଯୋଗାଇ ପାରିଲା ନାହିଁ । ନବନାଟକରେ ବୌଦ୍ଧିକତା ନାମରେ ତଥାକଥିତ ଆବସର୍ଡଟିର କସରତ ଚାଲିଲା । ପାଶ୍ଚାତ୍ୟ ନାଟ୍ୟ ସାହିତ୍ୟର ପ୍ରଭାବରେ ଓଡିଆ ନାଟ୍ୟଧାରାରେ ଏବଂବିଧ ପରିବର୍ତ୍ତନ ଫଳରେ କଳାପ୍ରିୟ ଓଡ଼ିଶୀ ଦର୍ଶକ ଏହି ନାଟକ ପ୍ରତି ମୁହଁ ମୋଡିବାକୁ ଆରମ୍ଭକଲା । ଓଡିଶାରେ ବ୍ୟବସାୟିକ ରଙ୍ଗମଞ୍ଚର ପାଦ ପ୍ରଦୀପ କ୍ରମେ ନିର୍ବାପିତ ହେଲା ।

ଓଡିଆ ନବନାଟ୍ୟ ଧାରାର ଏହି ପରିବର୍ତ୍ତିତ ପରିସ୍ଥିତିରେ ଅର୍ଥାତ ଉତ୍ତର ଅଶୀ କାଳରେ ତରୁଣ ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣାଙ୍କ ନାଟ୍ୟସୃଷ୍ଟି ଓଡିଆ ନାଟ୍ୟ ସାହିତ୍ୟ ପାଇଁ ବିପୁଳ ସମ୍ଭାବନାର ସଙ୍କେତ ସୃଷ୍ଟି କରିବାରେ ସମର୍ଥ ହୁଏ । ଆଲୋଚ୍ୟ କାଳରେ ନିଜକୁ ସୁପ୍ରତିଷ୍ଠ କରାଇ ପାରିବାରେ ତାଙ୍କର ଅସାଧାରଣ ଦକ୍ଷତା ପ୍ରଦର୍ଶନ କରିଛନ୍ତି । ତାଙ୍କର ପ୍ରତ୍ୟେକ ନାଟକରେ ରହିଛି ସମାଜ ପାଇଁ କିଛି ବାର୍ତ୍ତା ।

ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣା ସଙ୍ଗୀତ, ଚିତ୍ରାଙ୍କନ, କବିତା, ଅଭିନୟ, ନାଟ୍ୟନିର୍ଦ୍ଦେଶନା ଓ ନାଟ୍ୟରଚନା ଭଳି ବହୁବିଧ ସୃଜନାତ୍ମକ କଳାବିଭବରେ ନିଜର ଦକ୍ଷତା ଜାହିର କରି ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ତାଙ୍କର ପ୍ରତ୍ୟେକ ନାଟକରେ ରହିଥାଏ ସମାଜ ପାଇଁ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା । ହାସ୍ୟରସାତ୍ମକ ନାଟକ ହେଲେ ମଧ ସେଥିରେ ରହିଥାଏ ମନୋରଞ୍ଜନର ବିଭିନ୍ନ ଉପାଦାନ । ସେଦିନ ଆସୁଛି ନାଟକରେ ଅସ୍ପୃଶ୍ୟତା ନିବାରଣ, ଚକେ ଗଲେ ବାର ହାତ ନାଟକରେ ଅନ୍ଧବିଶ୍ୱାସ ଉପରେ ବିଶ୍ୱାସ କଲେ କିପରି ପରିଣତି ହୁଏ, ବାର୍ତ୍ତା ନାଟକରେ ସନ୍ତ୍ରାସବାଦ ପରି କାମରୁ ଦୂରେଇ ରହି, ଦଙ୍ଗା, ହିଂସା ଆଦି ନକରି ଜୀବନକୁ ଉପଭୋଗ କରିବାର ବାର୍ତ୍ତା ରହିଛି । ପୁନଶ୍ଚ ଅସମାପ୍ତ, ନ୍ୟାୟ, ଭାଇ ଭାଇ, ସୁଅ ଆଦି ନାଟକରେ

ଗଣତନ୍ତ୍ର ଶାସନରେ କିପରି ଜନତାଙ୍କ ରକ୍ଷାକର୍ତ୍ତା ପୋଲିସ ଠାରୁ ଆରମ୍ଭ କରି ରାଜନେତା ପର୍ଯ୍ୟନ୍ତ ସମସ୍ତେ ଦୁର୍ନୀତିରେ ଲିପ୍ତ ରହି ନିଜ ନିଜ ସ୍ୱାର୍ଥ ସାଧନରେ ବିବ୍ରତ ତାହାର ଚିତ୍ର ରହିଛି । ତାଙ୍କ ନାଟକରେ ସମାଜରେ ଯାହା ଘଟୁଛି ତାହାର ବାସ୍ତବ ଚିତ୍ର ଚିତ୍ରିତ କରନ୍ତି । ଏତଦବ୍ୟତୀତ ଆଧୁନିକ ସମାଜରେ ଉଚ୍ଚ ଶିକ୍ଷିତ ପୁଅ ବୋହୂ କିପରି ବୃଦ୍ଧାବସ୍ଥାରେ ନିଜ ବାପାମାଙ୍କୁ ଅତ୍ୟାଚାର କରନ୍ତି, ଅଦରକାରୀ ମନେ କରନ୍ତି ତାହାର ମ୍ଳ ଚିତ୍ର ରହିଛି ଅସ୍ଥି, ସିଦ୍ଧାନ୍ତ ପରି ନାଟକରେ । ମୋଟ ଉପରେ କହିବାକୁ ଗଲେ ତାଙ୍କ ନାଟକରେ ରହିଛି ସମାଜ ପରିବର୍ତ୍ତନର ବାର୍ତ୍ତା । ଈଶ୍ୱରଙ୍କ ସୃଷ୍ଟିକୁ ଉପଭୋଗ କରିବାର ନିର୍ଦ୍ଦେଶ । ସର୍ବୋପରି ସମାଜ ପାଇଁ ବଳିଷ୍ଠ ବାର୍ତ୍ତା ଯାହା ତାଙ୍କ ପ୍ରତ୍ୟେକ ନାଟକରେ ଆମେ ଦେଖିବାକୁ ପାଇବା ।

ବସ୍ତୁତଃ ନାଟ୍ୟକାର ମହାରଣା ସମକାଳୀନ ସମାଜକୁ ଗଭୀର ଅନ୍ତର୍ଦୃଷ୍ଟି ନିକ୍ଷେପ କରି ଦେଖିଛନ୍ତି, ପଢିଛନ୍ତି, ଆଉ ଅନୁଭବ ମଧ୍ୟ କରିଛନ୍ତି । ଏଣୁ ସେସବୁ ହିଁ ତଦୀୟ ନାଟ୍ୟକୃତିରେ Photographic ଭାବରେ ପ୍ରତିବିମ୍ବିତ ହୋଇଛି । ସେସବୁ ବୌଦ୍ଧିକତାର ଆବରଣ ମଧ୍ୟରେ ନରଖି ନାଟ୍ୟ ସୃଷ୍ଟିରେ ରୂପାୟିତ କଳାତ୍ମକତାକୁ ଅକ୍ଷୁର୍ଣ୍ଣ ରଖି ସତ୍ୟର ଉଦ୍‌ଘୋଷଣା କରିଛନ୍ତି । ଗଣତନ୍ତ୍ରର ବିକଳ ବିଧୃତ ରୂପ ପ୍ରଦାନ କରି ଆମ ସମାଜ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ଲଗାଇଦେବାରେ କୁଣ୍ଠାବୋଧ କରିନାହାନ୍ତି ନାଟ୍ୟକାର ।

ଉଲ୍ଲେଖ କରିବା ନିଷ୍ପ୍ରୟୋଜନ ଯେ ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣାଙ୍କ ଲେଖନୀ ଏବେ ନୀରବ ହୋଇଯାଇ ନାହିଁ, ବରଂ ତାଙ୍କର ଲେଖନୀ ନାଟ୍ୟ ସୃଷ୍ଟିରେ ଏବେ ମଧ୍ୟ ସର୍ଜନଶୀଳ । ଏଣୁ ଜଣେ ସର୍ଜନଶୀଳ ନାଟ୍ୟସ୍ରଷ୍ଟାଙ୍କ ସମ୍ପର୍କରେ ଏବେଠାରୁ ଶେଷ ସିଦ୍ଧାନ୍ତ ପ୍ରଦାନ କରିବା ଧୃଷ୍ଟତା ବୋଲି ବିଚାର କରିବା ସମୀଚୀନ ମନେହୁଏ । ଦର୍ଶକ ଏବଂ ପାଠକ ଏବେ ମଧ୍ୟ ଅପେକ୍ଷା କରିରହିଛନ୍ତି ତାଙ୍କର ଆଗାମୀ ନାଟକ । ଏଣୁ ଆମକୁ ମଧ୍ୟ ଅପେକ୍ଷା କରିରହିବାକୁ ହେବ ଆଗାମୀ ଭବିଷ୍ୟତକୁ । ତେବେ ଉତ୍ତର ଅଶୀ କାଳରେ ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣାଙ୍କ ନାଟ୍ୟସାଧନା, ନାଟ୍ୟ ସୃଷ୍ଟିରେ ଆମ ନାଟ୍ୟ ଭଣ୍ଡାରକୁ ଉଭୟ ପରିମାଣାତ୍ମକ ଏବଂ ଗୁଣାତ୍ମକ ଦୃଷ୍ଟିରୁ ବିଭବବନ୍ତ କରିଛନ୍ତି, ଏଥିରେ ସନ୍ଦେହ ନାହିଁ । ଓଡିଆ ନାଟ୍ୟାକାଶକୁ ବର୍ଣ୍ଣୋଜ୍ୱଳ କରିଥିବା ଏହି ନାଟ୍ୟ ସ୍ରଷ୍ଟା ଉତ୍କଳ ଭୁବନରେ କାଳଜୟୀ ହୋଇ ରହିବେ ।

କଳାଭୂଷଣ ଗବେଷିକା
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ